ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. –ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ,ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.- ୪୮ **ପାଣିପାଗ ଜନିତ କୃଷି ଉପଦେଶ** ତାରିଖ – ୦୧.୧୨.୨୦୨୩

**ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ ଏବଂ ସାଉଥ ଇଷ୍ଟର୍ନ ଘାଟ ଜୋନ)**

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୨୭.୧୧.୨୦୨୩ | ୨୮.୧୧.୨୦୨୩ | ୨୯.୧୧.୨୦୨୩ | ୩୦.୧୧.୨୦୨୩ |
| ବୃଷ୍ଟିପାତ (ମି.ମି.) | ୦.୦ | ୦.୦ | ୧.୧ | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୦ | ୩୦ | ୩୧ | ୩୧ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୨ | ୧୨ | ୧୨ | ୧୨ |

**ଆସନ୍ତା ପାଞ୍ଚ ଦିନର (୦୨.୧୨.୨୦୨୩ ଠାରୁ ୦୬.୧୨.୨୦୨୩) ପାଣିପାଗର ପୂର୍ବାନୁମାନ**
**(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)**

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ପାଗ ରହିବ । ୦୪ ରୁ ୦୬ ଡିସେମ୍ବର ସ୍ୱଳ୍ପ ରୁ ପ୍ରବଳ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି ଏବଂ ୦୨ ଓ ୦୩ ଡିସେମ୍ବର ବର୍ଷା ହେବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୨୫ ରୁ ୩୦ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୨ ରୁ ୧୭ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୬୮ ରୁ ୯୬ ଭାଗ ଏବଂ ୩୪ ରୁ ୮୮ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଚ୍ଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୦୨.୧୨.୨୦୨୩ | ୦ | ୩୦ | ୧୨ | ୩ | ୬୮ | ୩୪ | ୯ | ୧୩୫ |
| ୦୩.୧୨.୨୦୨୩ | ୦ | ୩୦ | ୧୩ | ୪ | ୭୫ | ୩୬ | ୧୧ | ୧୧୧ |
| ୦୪.୧୨.୨୦୨୩ | ୭ | ୨୯ | ୧୫ | ୭ | ୯୧ | ୭୭ | ୧୨ | ୧୦୮ |
| ୦୫.୧୨.୨୦୨୩ | ୬୦ | ୨୬ | ୧୭ | ୭ | ୯୫ | ୮୫ | ୧୨ | ୧୦୩ |
| ୦୬.୧୨.୨୦୨୩ | ୧୦୦ | ୨୫ | ୧୭ | ୭ | ୯୬ | ୮୮ | ୯ | ୭୨ |

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

**ସାଧାରଣ:**

ରବିବାର ଠାରୁ ହେବାକୁ ଥିବା ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଧାନ ୮୫ ଶତକଡା ପାଚି ଯାଇଥିଲେ ଅମଳ କରିଦିଅନ୍ତୁ । ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କଟା ହୋଇଯାଇଥିବା ଧାନର ଯଦି ବେଙ୍ଗଳା ସମ୍ଭବ ହୋଇପାରୁ ନାହିଁ ତେବେ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ । ଅମଳ ହୋଇଥିବା ଧାନକୁ ଜମିରେ ଛାଡନ୍ତୁ ନାହିଁ ।

- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ  କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ ।
- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ ସେହିଠାରେ ବିଭିନ୍ନ ଫସଲ ଯଥା ମୁଗ, ବିରି, ମସୁର ଇତ୍ୟାଦି ପାଇରା ଫସଲ ହିସାବରେ ଜମିରେ ବତର ଥିବା ଅବସ୍ଥାରେ ଏବଂ ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ବୁଣି ଦିଅନ୍ତୁ । ୨୫% ଅଧିକ ମଞ୍ଜି ବୁଣନ୍ତୁ ।
- ସ୍ୱଳ୍ପ ଜଳସେଚନର ସୁବିଧାଥିବା ଉଚ୍ଚ ଜମିରେ ତୋରିଆ, ସୋରିଷ ଇତ୍ୟାଦି ବୁଣା ଯାଇପାରିବ ।
- ଜଳସେଚିତ ମଧ୍ୟମ ଜମିରେ ଧାନ କାଟିବା ପରେ ଚିନାବାଦାମ, ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।

ଧାନ:

- କେଣ୍ଡାରେ ଶତକଡ଼ା ୮୦ ରୁ ୮୫ ଭାଗ ଧାନ ପାଚିଗଲେ ଆଗରୁ ଲଗାଯାଇଥିବା ଧାନ କାଟନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ଧାନ କ୍ଷୀର ଅବସ୍ଥାକୁ ଆସିଗଲେ ଗନ୍ଧୀପୋକ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଇଥୋଫେନପ୍ରକ୍ସ ୧୦% ଇ.ସି. ଅଥବା ୦.୬ ମି.ଲି. ଇମିଡାକ୍ଲୋପ୍ରିଡ୍ ୬% + ଲାମଡା ସାଇହେଲୋଥ୍ରିନ୍ ୪% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

ମକା:

- ଏବେ ରବି ମକା ବୁଣିବା ପାଇଁ ଉପଯୁକ୍ତ ସମୟ ।  ଏକର ପିଛା ୬ କି.ଗ୍ରା. ମଞ୍ଜି ଧାରୀକୁ ଧାଡ଼ି ୬୦ ସେ.ମି. ଏବଂ ଗଛକୁ ଗଛ ୨୦ ସେ.ମି. ବ୍ୟାବଧାନରେ ବୁନନ୍ତୁ । ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା. ଡି.ଏ.ପି., ୪ କି.ଗ୍ରା. ୟୁରିଆ ଓ ୨୭ କି.ଗ୍ରା. ପଟାସ ସାର ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ମକା ଜମିରେ ଘାସ ଦମନ କରିବା ପାଇଁ ଏକର ପ୍ରତି ୮୦୦ ଗ୍ରାମ୍ ଏଟ୍ରାଜିନ ୫୦% ଡବ୍ଲୁ.ପି. ୨୦୦ ଲିଟର ପାଣିରେ ମିଶାଇ ମକା ବୁଣିବାର ୩ ଦିନ ମଧ୍ୟରେ ସିଞ୍ଚନ କରନ୍ତୁ ।

ଚିନାବାଦାମ:

- ରବି ଚିନାବାଦାମ ପାଇଁ ଜମି ପ୍ରସ୍ତୁତି ଏବଂ ବୁଣିବା କାମ ଆରମ୍ଭ କରନ୍ତୁ ।  ଏକର ପିଛା ୫୦ କି.ଗ୍ରା. ମଞ୍ଜି ଧାରୀକୁ ଧାଡ଼ି ୨୫ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟାବଧାନରେ ବୁନନ୍ତୁ । ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା. ଡି.ଏ.ପି., ୪ କି.ଗ୍ରା. ୟୁରିଆ ଓ ୨୭ କି.ଗ୍ରା. ପଟାସ ସାର ସହିତ ୧୦ କି.ଗ୍ରା ଜିଙ୍କ ସଲଫେଟ ଏବଂ ୪ କି.ଗ୍ରା ବୋରାକ୍ସକୁ  ମୂଳସାର ଭାବେ ପ୍ରୟୋଗ କରନ୍ତୁ । ପ୍ରତି କି.ଗ୍ରା. ବିହନକୁ ବୁଣିବାର ଆଗରୁ ୧୦ ଗ୍ରାମ୍  ଟ୍ରାଇକୋଡାର୍ମା ହାର୍ଜିଆନାମ/ଭିରିଡେ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ଦ୍ୱାରା ମଞ୍ଜି ବିଶୋଧନ କରନ୍ତୁ ଏବଂ ୭ ଦିନ ପରେ ପ୍ରତି ୫୦ କି.ଗ୍ରା. ମଞ୍ଜି ପାଇଁ ୬୦୦ ଗ୍ରାମ୍ ରାଇଜୋବିୟମ କଲଚରକୁ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ ।
- ଚିନାବାଦାମ ଜମିରେ ଗଜା ଓ କାଣ୍ଡସଢ଼ା ରୋଗର ଆକ୍ରମଣ କମ୍ କରିବା ପାଇଁ ଏକର ପ୍ରତି ୨୦୦ କି.ଗ୍ରା. ନିମ୍ବ  ପିଡ଼ିଆ ବା ସୋରିଷ ପିଡ଼ିଆ ମଞ୍ଜି ବୁଣିବାର ୧୫ ଦିନ ପୂର୍ବରୁ ବା ବୁଣିବା ସମୟରେ ଧାଡ଼ିରେ ପ୍ରୟୋଗ କରନ୍ତୁ ।  ଯେଉ ଜମିରେ ଉଈ ପୋକ ଲାଗିବାର ସମ୍ଭାବନା ଥାଏ ସେହିଠାରେ ପ୍ରତି ଲିଟର ପାଣିରେ ୪ ମି.ଲି. ହିସାବରେ କ୍ଲୋରପାଇରିଫସ୍ ୨୦% ଇ.ସି. ଶେଷଥର  ଚାଷ କଲାବେଳେ ମାଟି ଉପରେ ସିଞ୍ଚନ କରନ୍ତୁ ।

ସୋରିଷ/ତୋରିଆ:

- ଏକର ପ୍ରତି ୩ କି.ଗ୍ରା. ହିସାବରେ ସୋରିଷ/ତୋରିଆ ମଞ୍ଜି ଧାରୀକୁ ଧାଡ଼ି ୩୦ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟାବଧାନରେ ବୁଣନ୍ତୁ ।  ବୁଣିବାର ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧.୫ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ମିଶାଇ ମଞ୍ଜି ବିଶୋଧନ କରନ୍ତୁ ।
- ଲଗାଇବାବେଳେ ଏକର ପିଛା ୨୨ କି.ଗ୍ରା. ୟୁରିଆ, ୩୫ କି.ଗ୍ରା. ଡି.ଏ.ପି. ଓ ୨୭ କି.ଗ୍ରା. ପଟାସ ସାର ସୋରିଷ ପାଇଁ ଏବଂ ୧୩ କି.ଗ୍ରା. ୟୁରିଆ, ୨୨ କି.ଗ୍ରା. ଡି.ଏ.ପି. ଓ ୧୭ କି.ଗ୍ରା. ପଟାସ ସାର ତୋରିଆ ପାଇଁ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

- ଶେଷ ଓଡ଼ ଚାଷ କଲାବେଳେ ଏକର ପ୍ରତି ୧୦୦ କି.ଗ୍ରା. ଜିପସମ କିମ୍ବା ୨୦ କି.ଗ୍ରା. ସଲଫାର (୯୦% ସଲଫାର) ପ୍ରୟୋଗ କରନ୍ତୁ ।

ବାଇଗଣ:

- ବାଇଗଣ ୩ ରୁ ୪ ସପ୍ତାହର ହୋଇଗଲେ ଏକର ପିଛା ୪୪ କି.ଗ୍ରା. ୟୁରିଆ ଏବଂ ୨୦ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ । ଅଧିକ ଅମଳ ପାଇଁବା ପାଇଁ ପ୍ରତି ଲିଟର ପାଣିରେ ମିଶ୍ରିତ ଅଣୁସାର ୩ ରୁ ୪ ଗ୍ରାମ୍ ହିସାବରେ ମିଶାଇ ଗଛ ୪ ସପ୍ତାହର ହୋଇଗଲେ ସିଞ୍ଚନ କରନ୍ତୁ ।
- ବାଇଗଣ ଫସଲରେ କାଣ୍ଡ ବିନ୍ଧା ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ମି.ଲି. ଏଜାଡିରକ୍ଟିନ୍ ୧% ଇ.ସି. କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଟମାଟୋ:

- ଗଛ ୩ ସପ୍ତାହର ହୋଇଗଲେ ଘାସ ବାଛି ଦିଅନ୍ତୁ ଏବଂ ଏକର ପିଛା ୪୪ କି.ଗ୍ରା. ୟୁରିଆ ଏବଂ ୨୭ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ ।
- ଜମିରେ ଧଳା ମାଛି ଦେଖାଦେଇପାରେ, ଏହାର ଦମନ କରିବା ପାଇଁ ପ୍ରତି ୧୫ ଲିଟର ପାଣିରେ ୩.୭୫ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମଡା ସାଇହେଲୋଥ୍ରିନ୍ ୯.୪% ଜେଡ୍.ସି. କିମ୍ବା ୧.୫ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ୭୦% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଲଙ୍କା:

- ଲଙ୍କା ଜମିରେ ଉକୁଣିଆ ପୋକ ଦମନ କରିବା ପାଇଁ ପ୍ରତି ୧୫ ଲିଟର ପାଣିରେ ୪.୫ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମଡା ସାଇହେଲୋଥ୍ରିନ୍ ୯.୪% ଜେଡ୍.ସି. କିମ୍ବା ୭.୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଲ୍. ମିଶାଇ ସିଞ୍ଚନ କରନ୍ତୁ ।

ଭେଣ୍ଡି:

- ଭେଣ୍ଡି ଜମିରେ ସାହେବୀ ରୋଗର ବାହକକୁ ଏବଂ ଜଉ ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ ବୁପ୍ରୋଫେଜିନ୍ ୧୫% + ଏସିଫେଟ୍ ୩୫% ଡବ୍ଲୁ.ପି. ଅଥବା ପ୍ରତି ୧୫ ଲିଟର ପାଣିରେ ୩ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।

<u>ବିଶେଷ ଦ୍ରଷ୍ଟବ୍ୟ</u>: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

---

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)